# 208

**I**

Total No. of Questions : 16
Total No. of Printed Pages : 4

Reg. No. | | | | | | | | |

## Part – II
## ODIA
## Paper – II
**(Second Language)**

Time : 3 Hours | Max. Marks : 100

ନିର୍ଦ୍ଦେଶ: ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ l
ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ l

1. କୌଣସି ଗୋଟିଏ ପ୍ରଶ୍ନର ଦୀର୍ଘ ଉତ୍ତର ଶହେ ପଚାଶ (150) ଟି ଶବ୍ଦ ମଧ୍ୟରେ ପ୍ରଦାନ କର l (1×8=8)

(କ) 'ସ୍ଥୂଳ କଳେବର ନୁହଇ ଅମର' କବିତାରେ ରାମଚନ୍ଦ୍ରଙ୍କ ମାନସିକ ଦ୍ୱନ୍ଦ୍ୱ କିପରି ପ୍ରତିଫଳିତ ହୋଇଛି ଦର୍ଶାଅ ?

(ଖ) ବିଶ୍ୱ ଜୀବନ ପଥେ କବିତା ଅନୁସରଣରେ ଗୋପବନ୍ଧୁଙ୍କ ତ୍ୟାଗମୟ ଜୀବନର ଚିତ୍ର ପ୍ରଦାନ କର l

2. କୌଣସି ଗୋଟିଏ ପ୍ରଶ୍ନର ଦୀର୍ଘ ଉତ୍ତର ଶହେ ପଚାଶ (150) ଟି ଶବ୍ଦ ମଧ୍ୟରେ ପ୍ରଦାନ କର l (1×8=8)

(କ) କ୍ଷମା ପ୍ରବନ୍ଧର ସାମାଜିକ ଆବେଦନ ବିଚାର କର l

(ଖ) ବାଇବେଲ, ଆମ ପୁରାଣ ଓ ଧର୍ମଶାସ୍ତ୍ରଗୁଡ଼ିକରେ ଭୁଲ ସମ୍ପର୍କରେ ଯେଉଁ ଘଟଣାଗୁଡ଼ିକ ଉପସ୍ଥାପିତ ହୋଇଛି, ତାହାର ବିଶଦ ଆଲୋଚନା କର l

3. ପୂର୍ବାପର ସମ୍ପର୍କ ସୂଚାଇ କୌଣସି ଗୋଟିଏର ସରଳାର୍ଥ ଲେଖ l (1×4=4)

(କ) ଏକଇ ପୁତ୍ର ରୋଗେ ବହୁଦିନୁ ହୋଇଚି ଶଯ୍ୟାଗତ
ଏତିକି ବେଳକୁ ଦିଶୁଚି ତୁମକୁ ଜନତା ସେବାର ପଥ ?

(ଖ) କିନ୍ତୁ ରୂପ ଥିଲେ ପ୍ରଚ୍ଛନେ
କେବେ ରସିକ ଛାଡ଼େ ?
ମଧୁ ଥିଲେ ପୁଷ୍ପେ ଯତନେ
ଖୋଜି ମଧୁପ ଲୋଡ଼େ l

4. ପୂର୍ବାପର ସମ୍ପର୍କ ସୂଚାଇ କୌଣସି ଗୋଟିଏର ସରଳାର୍ଥ ଲେଖ । (1×4=4)

(କ) ଯଦି ଏହି ବିଧି ନଥାନ୍ତା ତା' ହେଲେ ଏହି ଗ୍ରୀଷ୍ମ ଜଳବାୟୁରେ ଲୋକେ ଯେତିକି ମଇଳା ହେଉଛନ୍ତି, ତା'ଠୁ ଆହୁରି ଢେର ବେଶି ମଇଳା ହୁଅନ୍ତେ ।

(ଖ) ସାଧାରଣତଃ ଲୋକେ ବିଚାରନ୍ତି, ସେମାନଙ୍କ ନିଜର କୌଣସି ଅପରାଧ ନାହିଁ; ଜଗତର ଯେତେ ଅନ୍ୟାୟ ସବୁ ଅନ୍ୟମାନେ କରୁଛନ୍ତି ।

5. କୌଣସି ତିନୋଟି ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର । (3×2=6)

(କ) ସୀତାଙ୍କୁ କିଏ, କେତେବେଳେ ଓ କେଉଁଠାରେ ଛାଡ଼ିଥିଲେ ?

(ଖ) ବନ୍ୟା ଅଞ୍ଚଳରୁ ଫେରିଥିବା ଗୋପବନ୍ଧୁଙ୍କୁ ଦେଖି ତାଙ୍କ ପତ୍ନୀ କ'ଣ କହିଲେ ?

(ଗ) ଭୌମୀ ସ୍ୱୟମ୍ବର କହିଲେ କ'ଣ ବୁଝ ଓ ତା' ଦ୍ୱାରା କ'ଣ ପ୍ରମାଣିତ ହୋଇଛି ?

(ଘ) 'ବରଷ ବରଷ ଗ୍ରାସି ଦେଉଅଛି ଚନ୍ଦ୍ରମାରେ କି ରାହୁ' ବୋଲି ତୁମ ପଠିତ କବିତାରେ କେଉଁ ସନ୍ଦର୍ଭରେ କୁହାଯାଇଛି ?

6. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର । (3×2=6)

(କ) 'କ୍ଷମା' ପ୍ରବନ୍ଧର ପ୍ରାବନ୍ଧିକ କିଏ ? ତାଙ୍କର ଦୁଇଖଣ୍ଡ କବିତା ଗ୍ରନ୍ଥର ନାମ ଲେଖ ।

(ଖ) କେଉଁମାନେ କାହିଁକି ବୋର୍ ହୋଇଯାଉଥିବେ ବୋଲି ଲେଖକ କହିଛନ୍ତି ?

(ଗ) ସୋପେନହୋର୍ କିଏ ? ସେ କ'ଣ କହିଥିଲେ ?

(ଘ) ସଂସ୍କୃତି ସମ୍ପର୍କରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମନ୍ତବ୍ୟ କ'ଣ ଥିଲା ?

7. କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ପ୍ରଦାନ କର । (2×2=4)

(କ) ବେଣୁଧର ତା'ର ପୁରୁଣା ସଂସାରକୁ କିପରି ଦେଖିଥିଲା ?

(ଖ) କେଉଁ କାମକରି ଗଦେଇର ମୁଣ୍ଡ ଚନ୍ଦା ହୋଇଗଲାଣି ?

(ଗ) 'ଅନେକ ସ୍ମିତହସ' ଗଳ୍ପର ଗାଳ୍ପିକ କିଏ ? ତାଙ୍କର ଦୁଇଟି ଗଳ୍ପ ଗ୍ରନ୍ଥର ନାମ ଲେଖ ।

8. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର । (5×1=5)

(କ) ରାଧାନାଥଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗପ୍ରବର୍ତ୍ତକ ସ୍ରଷ୍ଟା ବୋଲି କିଏ କହିଥିଲେ ?

(ଖ) ରାଧାମୋହନ ଗଡ଼ନାୟକଙ୍କ କେଉଁ କବିତାକୁ ତମେ ପଢ଼ୁଛ ?

(ଗ) ଗଙ୍ଗାଧର ମେହେର କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(ଘ) ଚନ୍ଦ୍ରଭାଗା କାହାକୁ ବିଷପ୍ରାୟେ ମନେକରୁଥିଲା ?

(ଙ) ତୁମ ପଠିତ କବିତାରେ 'ଅଦ୍ଭୁତ ମଣିଷ' ବୋଲି କାହାକୁ କୁହାଯାଇଛି ?

9. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ପ୍ରଦାନ କର । (5×1=5)

(କ) 'ମହତ୍ତର ପ୍ରତିହିଂସା' ବୋଲି କାହାକୁ କୁହାଯାଉଛି ?

(ଖ) ଯୁଧିଷ୍ଠିର କାହାର ପ୍ରତୀକ ଥିଲେ ?

(ଗ) ଆମ ବାହାଘର ହାଟଗଣ୍ଡି ନୁହେଁ ତ ଆଉ କ'ଣ ?

(ଘ) 'ଭୁଲ' ପ୍ରବନ୍ଧର ପ୍ରାବନ୍ଧିକ କିଏ ?

(ଙ) ମାୟାଧର ମାନସିଂହଙ୍କ ତୁମ ପଠିତ ପ୍ରବନ୍ଧ ?

10. କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଶହେ ପଚାଶ (150) ଟି ଶବ୍ଦ ମଧ୍ୟରେ ପ୍ରଦାନ କର । (1×10=10)

(କ) 'ଏବେ ମଧ୍ୟ ବଞ୍ଚିଛି' ଗଳ୍ପର ନାମକରଣର ସାର୍ଥକତା ପ୍ରତିପାଦନ କର ।

(ଖ) 'ବିଟ ଘର ଓ ରେଳଗାଡ଼ି' ଗଳ୍ପରୁ ଜହ୍ନର ଚରିତ୍ର ଚିତ୍ରଣ କର ।

11. କୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ । (1×12=12)

(କ) କରୋନା ଭାଇରସ (COVID-19) ର କୁପରିଣାମ

(ଖ) ସ୍ୱଚ୍ଛ ଭାରତ

(ଗ) ଜଗନ୍ ସରକାରଙ୍କ ଜନମଙ୍ଗଳ କାର୍ଯ୍ୟକ୍ରମ

12. କୌଣସି ପାଞ୍ଚଟିର ସଂକ୍ଷେପଣ କର । (5×1=5)

ଶକ୍ତିଙ୍କର ଉପାସକ ; ଭାଷାମାନଙ୍କର ରାଜା ;

ନାହିଁ ଅପରାଧ ଯାହାର ; ମନ ସମ୍ବନ୍ଧୀୟ ;

ବିଧିକୁ ଅତିକ୍ରମ ନକରି ; ମୃତ୍ତିକା ଦ୍ୱାରା ନିର୍ମିତ ;

ଦିତିଙ୍କର ପୁତ୍ର ; ଚୋରର କାର୍ଯ୍ୟ

13. କୌଣସି ପାଞ୍ଚଟିର ଦୁଇଟି ଲେଖାଏଁ ସମାନାର୍ଥକ ଶବ୍ଦ (ପ୍ରତିଶବ୍ଦ) ଲେଖ । (5×1=5)

ପାରାବାର ; କେକୀ ; ତଡ଼ାଗ ;

ଭୂଧର ; ବ୍ୟୋମ ; ଅଶ୍ୱ ;

ତଟିନୀ ; ସମୀର

14. କୌଣସି ପାଞ୍ଚଟିର ଭ୍ରମ ସଂଶୋଧନ କର । (5×1=5)

ଜଗର୍ନାଥ ; ନୀରୋଦ ; ଅଭ୍ୟସ୍ଥ ;

ଶଶୀଭୁଷଣ ; ଅନୁସୁୟା ; ଆଶ୍ରିବାଦ ;

ମୁକ୍ଷ ; ଶତୃ

15. କୌଣସି ପାଞ୍ଚଟିର ଅର୍ଥଗତ ପାର୍ଥକ୍ୟ ଲେଖ । (5×1=5)

ବିଷ - ବିସ ; ଜମକ - ଯମକ ;

କୁଳ - କୂଳ ; ଉପାଦାନ - ଅପାଧାନ

ପ୍ରସାଦ - ପ୍ରାସାଦ ; ଶୁଦ୍ଧ - ସୁଧ

ତରଣି - ତରଣୀ ; ଇତି - ଈତି

16. ଓଡ଼ିଆରେ ଅନୁବାଦ କର । (1×8=8)

When India became independent in 1947, Sarojini Naidu became the Governor of Uttar Pradesh. She was the first woman to become a Governor. The first thing she did as Governor was to simplify the Governor's mode of life. She was easily available to the common man. Dr. Rajendra Prasad, the first President of India remarked that her personality brought dignity to the Governor's office.